text of the time

# ଶୈଳେନ୍ଦ୍ର ଦ୍ୱିବେଦୀ

ଶୈଳେନ୍ଦ୍ରଙ୍କ ପ୍ରବନ୍ଧ କ୍ଷୁଦ୍ରଗଳ୍ପ ପରି ଲାଗେ ଏବଂ ଏକା ନିଃଶ୍ୱାସକେ ପଢ଼ି ହୋଇଯାଏ.
'ପ୍ରମେୟ'

# ଅନ୍ତରୀକ୍ଷର ଆଖି



EVENTS

# କର୍କଟକ୍ରାନ୍ତି : ଯନ୍ତ୍ରଣା ଓ ଆଶା ଚିରହରିତ୍

ମୁଖଗହ୍ୱର କର୍କଟ ପାଇଁ ମୁମ୍ବାଇରେ ତୃତୀୟ ଥର ଅପରେସନ୍ ପରେ ଅକ୍ଟୋବର ୨୦୧୫ରେ ପ୍ରିୟ ବନ୍ଧୁ ତଥା ସାହିତ୍ୟିକ ସାରଦା (ସାରଦା ପ୍ରସାଦ ମିଶ୍ର) ଯେତେବେଳେ ଭୁବନେଶ୍ୱର ଫେରିଥିଲା, ଆମ ଅନେକଙ୍କର ବିଶ୍ୱାସ ଥିଲା- ଏଥର ପ୍ରାୟ ସବୁ ଠିକ୍ ହୋଇଯିବ। ପ୍ଲାଷ୍ଟିକ ସର୍ଜରୀ ସଫଳ ଥିଲା ଏବଂ ସାରଦାର ମୁହଁ କ୍ରମଶଃ ସ୍ୱାଭାବିକ ମନେ ହେଉଥିଲା। ମାତ୍ର ୧୫/୨୦ ଦିନ ବିଶ୍ରାମ ପରେ ସାରଦା ସରକାରୀ ଡ୍ୟୁଟିରେ ଯୋଗ ଦେଇଥିଲା। ଡାକ୍ତର ପରାମର୍ଶ ଅନୁଯାୟୀ, ଆଗକୁ ୪ ମାସ ରେଡିଏସନ୍ ମଧ୍ୟ ଜାରି ରହିଲା। ସମସ୍ୟା ଥିଲା ଗୋଟିଏ। ଉଭୟ ପ୍ଲାଷ୍ଟିକ ସର୍ଜରୀ ଏବଂ ରେଡିଏସନ୍ ପ୍ରଭାବରେ ସହଜରେ ବୁଝିହେବା ଭଳି କଥାବାର୍ତ୍ତା ସାରଦା କରିପାରୁନଥିଲା। ଫିଜିଓଥେରାପି ନିମନ୍ତେ ପରାମର୍ଶ ସହିତ ଡାକ୍ତର ଧୈର୍ଯ୍ୟ ରଖିବା ପାଇଁ କହିଥିଲେ। ଅବଶ୍ୟ, ଏ ଅସୁବିଧା ଦୂର କରିବା ପାଇଁ ସେ ଦୁଇଟି ବାଟ ବାଛିଥିଲା। (୧) ରାଇଟିଂ ପ୍ୟାଡର ବ୍ୟବହାର, (୨) ଏସ୍.ଏମ୍,ଏସ୍- ମୋବାଇଲରେ। ତେବେ ମଜା କଥା ହେଉଛି, ସାରଦାର ଏସ୍.ଏମ୍.ଏସ୍. ବା 'ସଂକ୍ଷିପ୍ତ କଥାବାର୍ତ୍ତା ସେବା' କଦାଚିତ୍ ସଂକ୍ଷିପ୍ତ ଥିଲା। ଅନେକ ସମୟରେ ତାହା ମନେ ହେଉଥିଲା ତା' ନିଜ କ୍ଷୁଦ୍ର ଗଳ୍ପର ଏକ ଅଂଶ ପରି। ହଁ, 'କଥା' ର ଶାରଦୀୟ ସଂଖ୍ୟାରେ ସାରଦା ଲେଖିଥିଲା ଏକ ମର୍ମସ୍ପର୍ଶୀ ଉପନ୍ୟାସ 'ଜୀବାଶ୍ମ', ଯାହା କ୍ୟାନ୍ସର ଉପରେ ଆଧାରିତ ଥିଲା। ପ୍ରକାଶନ ଉତ୍ତାରୁ ସାରାରାଜ୍ୟରେ ଅପୂର୍ବ ଲୋକପ୍ରିୟତା ହାସଲ କରିଥିଲା ଉପନ୍ୟାସଟି। ଏଥିରେ କିଛି ଘଟଣା / ବିବରଣୀ ସାରଦାର ବ୍ୟକ୍ତିଗତ ଜୀବନ ସହିତ ସଂପର୍କିତ ଥିଲା।

ଭୁବନେଶ୍ୱର ଆସିବା ପରେ ପରେ ସାରଦାକୁ ପଢ଼ିବା ପାଇଁ ଦେଇଥିଲି ୨ଟି ବହି- (୧) ସିଦ୍ଧାର୍ଥ ମୁଖାର୍ଜୀଙ୍କ ଚର୍ଚ୍ଚିତ ଏବଂ ୨୦୧୧ରେ 'ଅଣଗଳ୍ପ' ବର୍ଗରେ

ପୁଲିଜର ପୁରସ୍କାରରେ ସମ୍ମାନିତ, 'ଦି ଏମ୍ପରର ଅଫ ଅଲ୍ ମାଲାଡିଜ୍' ଯାହାକୁ ଶେଷ କରିବା ପାଇଁ ସାରଦା ଆଗରୁ ସମୟ ପାଇନଥିଲା । (୨) ଅନୀତା ମୁରଝାନିଙ୍କ 'ଡାଇଂ ଟୁ ବି ମି' । ଉଭୟ ବହି ବେଶ୍ ସମୟ 'ବେଷ୍ଟ ସେଲର୍' ଚାଲିକାରେ ଥିଲେ । ସିଦ୍ଧାର୍ଥଙ୍କ ଗ୍ରନ୍ଥ କ୍ୟାନ୍ସର୍ ଉପରେ ଏକ ଗବେଷଣା ଥିଲା । ଅନ୍ୟପକ୍ଷରେ ଅନୀତା ତାଙ୍କ ବହିରେ କ୍ୟାନ୍ସର ସହିତ ଆପଣା ଅନୁଭୂତି ଅତିରିକ୍ତ ଏକ ଭିନ୍ନସ୍ତରର ଅନୁଭୂତି ସଂପର୍କରେ ଚମତ୍କାର ଆଲୋଚନା କରିଥିଲେ ।

ଅନୀତାଙ୍କ ବାପା-ମା' ଭାରତୀୟ ଥିଲେ । ବ୍ୟାବସାୟିକ କାରଣରୁ ସେମାନେ ରହୁଥିଲେ ହଂକଂରେ, ଯେଉଁଠି ଅନୀତା ଏବଂ ତାଙ୍କ ଭାଇ ମଧ୍ୟ ରହୁଥିଲେ । ୨୦୦୨ରେ ବେକରେ ଏକ ଅସ୍ୱାଭାବିକ ବୃଦ୍ଧି (ଆବୁ) ଲକ୍ଷ୍ୟ କରିଥିଲେ ଅନୀତା । ପରୀକ୍ଷା ପରେ ଜଣାପଡ଼ିଥିଲା ଯେ ତାହା କ୍ୟାନ୍ସର୍ । ତେବେ କ୍ୟାନ୍ସର୍ ପାରମ୍ପରିକ ଚିକିତ୍ସା ପାଇଁ ସେ ଜମାରୁ ରାଜି ନଥିଲେ । ବାସ୍, ତେଣିକି ଆରମ୍ଭ ହେଲା ବିକଳ୍ପ ଚିକିତ୍ସାର ତଲାସ । ଭାରତ ଆସି ପାଖାପାଖି ବର୍ଷେ କାଳ ଏକ ଯୋଗଗୁରୁଙ୍କ ପାଖରେ ସେ ଥିଲେ । ଏସବୁ ଭିତରେ ଡାକ୍ତରୀ ଚିକିତ୍ସା ବିଳମ୍ବ ହୋଇସାରିଥିଲା । ହଂକଂରେ ଏକ କ୍ୟାନ୍ସର୍ ହସପିଟାଲକୁ ଯେତେବେଳେ ସେ ଗଲେ, ଡାକ୍ତରମାନେ ଜଣାଇ ଦେଇଥିଲେ, ଆଉ ଖୁବ୍ ଅଧିକ କିଛି କରିହେବ ନାହିଁ । ଅନୀତାଙ୍କ ଲିମ୍ଫୋମା ସେତେବେଳେ ଦେହସାରା ବ୍ୟାପି ସାରିଥିଲା । ବେକଠୁ ପେଟ ପର୍ଯ୍ୟନ୍ତ ଲେମ୍ବୁ ଆକୃତିର ଆବୁ ଭର୍ତ୍ତି ହୋଇଯାଇଥିଲା । ଫୁସ୍‌ଫୁସ୍‌ରେ ପାଣି ଜମିଯିବା ଯୋଗୁ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିଲା ଏବଂ ଘରେ ବି ଅକ୍ସିଜେନ ସିଲିଣ୍ଡର ସେ ବ୍ୟବହାର କରୁଥିଲେ । ଫୁସ୍‌ଫୁସ୍‌ରୁ ନିୟମିତ ବ୍ୟବଧାନରେ ପାଣି କଢ଼ା ହେଉଥିଲା । ଫେବୃଆରୀ ୨, ୨୦୦୬ରେ ତାଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡ଼ିଲା ଏବଂ ସେ 'କୋମା'କୁ ଚାଲିଗଲେ । ଡାକ୍ତରମାନେ ସେଦିନ ସ୍ପଷ୍ଟ କରିଦେଇଥିଲେ ଯେ ଖୁବ୍ ବେଶୀରେ ଆଉ ୨/୩ ଦିନ । ଅନୀତାଙ୍କ ମୁଖ୍ୟ ଅଙ୍ଗପ୍ରତ୍ୟଙ୍ଗ କାମ କରିବା ବନ୍ଦ କରିଦେଇଥିଲେ । ପାଠକେ, ଏହାପରେ ଯାହା ଘଟିଥିଲା ତାହା ପ୍ରକୃତରେ ଅବିଶ୍ୱସନୀୟ । ୩୬ ଘଣ୍ଟା ପରେ ଯେତେବେଳେ ଅନୀତା କୋମାରୁ ପ୍ରତ୍ୟାବର୍ତ୍ତନ କଲେ, ସେ ନିଜ ପରିବାର ଓ ଡାକ୍ତରମାନଙ୍କୁ ଜଣାଇଥିଲେ ଯେ ସେତକ ସମୟ ସେ ଏକ ଅପୂର୍ବ ଉଜ୍ଜ୍ୱଳ ଦୁନିଆଁରେ ଥିଲେ । ଅର୍ଥାତ୍, ସେ ନିଜ ଦେହ ବାହାରକୁ ଚାଲିଯାଇଥିଲେ, ଯେଉଁଠି ବିରାଜମାନ କରୁଥିଲା ପରମ ଶାନ୍ତି । ଦୈହିକ ଯନ୍ତ୍ରଣା, ଅବସାଦ ଓ କ୍ଳାନ୍ତିଠୁ ଯଥେଷ୍ଟ ଦୂରରେ ସେ ଇଲାକା ଚିର ଉଦ୍‌ଭାସିତ ଥିଲା । ସେଇ ରମ୍ୟ ପରିବେଶକୁ ଛାଡ଼ି ନିଜ

ଦେହକୁ ଫେରିବାର ସାମାନ୍ୟତମ ଇଚ୍ଛା ଅନୀତାଙ୍କର ନଥିଲା। ମାତ୍ର ସେଇଠି ତାଙ୍କ ସହିତ ସାକ୍ଷାତ ହୋଇଥିବା ନିଜ ବାପା ଏବଂ ଜଣେ ବନ୍ଧୁ (ଯେଉଁମାନେ ଆଗରୁ ପ୍ରାଣତ୍ୟାଗ କରିଥିଲେ) ବୁଝେଇଥିଲେ ଯେ ଏଠିକୁ ଆସିବା ପାଇଁ ଉପଯୁକ୍ତ ସମୟ ହୋଇନାହିଁ, ବରଂ ସେ ନିଜ ଦେହକୁ ଫେରିଯାଇ ନିର୍ଭୟରେ ରହିବା କଥା। ସେମାନଙ୍କ ସୌଜନ୍ୟରୁ ଅନୀତାଙ୍କର ଉପଲବ୍ଧି ହୋଇଥିଲା ଯେ କ୍ୟାନ୍‌ସର୍ ମନର ଭୟ ଓ ବିକାର; ଯେଉଁଥିରୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ପାଠକେ, ଅନୀତା କୋମାରୁ ଫେରିବାର ୪ ଦିନ ପରେ ତାଙ୍କ ଦେହର ୭୦% ଟ୍ୟୁମର୍ ଆଉ ନଥିଲା। ପାଞ୍ଚ ସପ୍ତାହ ପରେ ଯେତେବେଳେ ଡାକ୍ତରଖାନା ଛାଡ଼ିବା ଆଗରୁ ଏକାଧିକ ବିଭାଗର ବରିଷ୍ଠ ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କଲେ, ସେମାନେ ପରସ୍ପର ମୁହଁକୁ ଚାହିଁ ହତବାକ୍ ହେବା ବ୍ୟତୀତ ଆଉ ଅଧିକ କିଛି କରିପାରିନଥିଲେ। ଅନୀତାଙ୍କ ଦେହରେ କର୍କଟର ଚିହ୍ନବର୍ଣ୍ଣ ଆଉ ନଥିଲା।

ସାରଦାକୁ କହିଥିଲି ଯେ ଏବେ ନୂଆ ଚିକିତ୍ସା ସମ୍ଭବ ହେଲାଣି ଯାହାକୁ 'ଟାର୍ଗେଟେଡ୍ ଥେରାପି' କୁହାଯାଉଛି। ଏହା କେମୋଥେରାପିଠାରୁ ଭିନ୍ନ। 'ଟାର୍ଗେଟେଡ୍ ଥେରାପି' ନିର୍ଦ୍ଦିଷ୍ଟ ଭାବରେ ଶରୀରର ସେଇ ତତ୍ତ୍ୱମାନଙ୍କ ସହିତ ଯୁଝନ୍ତି, ଯେଉଁମାନେ କ୍ୟାନ୍‌ସର୍‌କୁ ବ୍ୟାପକ କରିବା ପାଇଁ ଚେଷ୍ଟାରେ ଥାଆନ୍ତି। ହରମୋନ୍ ଥେରାପି, ଇମ୍ୟୁନୋଥେରାପି ଏବଂ ସିଗ୍‌ନାଲ୍ ଇନହିବିଟର୍ସ ଏଇ ପର୍ଯ୍ୟାୟଭୁକ୍ତ। ଏ କଥା ମଧ୍ୟ ଜଣାଇଥିଲି ଯେ ଯୁକ୍ତରାଷ୍ଟ୍ରରେ ଅପେକ୍ଷାକୃତ ଦୀର୍ଘ ଏବଂ ଯନ୍ତ୍ରଣାଦାୟକ କେମୋଥେରାପି ବଦଳରେ ସରକାର ପରୀକ୍ଷାମୂଳକ ଭିତ୍ତିରେ ମାସକୁ ଥରେ ଏକ ନୂଆ ଇଞ୍ଜେକ୍ସନ ନେବାପାଇଁ ଅନୁମତି ଦେଇଛନ୍ତି। ଟେକ୍ସାସର ଏକ କ୍ୟାନ୍‌ସର୍ ହସପିଟାଲ ଏବଂ ଗବେଷଣା କେନ୍ଦ୍ରରେ ଏମିତି ଘଟିଛି। ରୋଗୀର ଟ୍ୟୁମରରୁ କିଛି ଅଂଶ ପରୀକ୍ଷା ପାଇଁ ନିଆଯାଇଥିଲା ଏବଂ ସେଇ ଆଧାରରେ ପ୍ରସ୍ତୁତ ହୋଇଥିଲା ଇଞ୍ଜେକ୍ସନ। ସାରଦା କେଇଦିନ ତଳେ ସାମୟିକ ଭାବରେ ପୁଣି ଅସୁସ୍ଥ ହୋଇପଡ଼ିଥିଲା, ଯାହା କେତେକାଂଶରେ କର୍କଟଜନିତ ଥିଲା। ଡାକ୍ତରଖାନାରେ ତା ପାଖରେ ବସିଥିବାବେଳେ ପ୍ୟାଡ୍ ନେଇ ସେ ଲେଖିଲା ଯେ ସିଦ୍ଧାର୍ଥ ମୁଖାର୍ଜୀଙ୍କ ବହିରେ ଭୋଲଟେୟାରଙ୍କ ଏକ ପ୍ରସିଦ୍ଧ ଉକ୍ତିର ଉଦ୍ଧୃତି ରହିଛି । "ଡାକ୍ତରମାନେ ସେଇ ଲୋକ, ଯେଉଁମାନେ ରୋଗୀ ପାଇଁ ସେମାନେ ଲେଖିଥିବା ଔଷଧ ବାବଦରେ ଅଳ୍ପ ଜାଣନ୍ତି, ଯେଉଁ ରୋଗ ଭଲ କରିବା ପାଇଁ ବାହାରିଥାନ୍ତି ସେ ରୋଗ ବାବଦରେ ଆହୁରି କମ୍ ଜାଣନ୍ତି ଏବଂ ଯେଉଁ ରୋଗୀର (ମଣିଷ ଅର୍ଥରେ) ଉପଚାର ପାଇଁ ଏ ସମସ୍ତ ବ୍ୟବସ୍ଥା- ତା' ଉପରେ ବିଲକୁଲ କିଛି ଜାଣନ୍ତି ନାହିଁ।" ମୁଁ କହିଲି, ସବୁ ନିରାଶା ଭିତରେ ବି କ୍ୟାନ୍‌ସର୍‌କୁ ଲୋକେ ବାଜିମାତ୍ କରୁଛନ୍ତି। ବିଜ୍ଞାନ ହାରିନାହିଁ। ନା, ହାରିଛି ମଣିଷର ଇଚ୍ଛାଶକ୍ତି।

କର୍କଟ କ୍ଷେତ୍ରରେ ଉଚ୍ଚତର ଗବେଷଣା ସ୍ପଷ୍ଟ କରୁଛି ଯେ ଯାକୁ ଆୟତ୍ତାଧୀନ କରିବାକୁ ହେଲେ ଜିନ୍‌ଜଗତରେ ତେରଟି ମୂଳ ରାସ୍ତାର ରହସ୍ୟ ଭେଦିବାକୁ ହେବ, ଯାହା କ୍ୟାନ୍‌ସର୍‌ର ନିରାକରଣ ପାଇଁ ମଧ୍ୟ ସହାୟକ ହେବ। ସାରଦା ପ୍ୟାଡ୍‌ରେ ଲେଖିଥିଲା ଯେ ଅବିକଳ କାହିଁକି କ୍ୟାନ୍‌ସର୍ ହୁଏ ଏବଂ କେଉଁ ବିଶେଷ ଜୈବିକ ପ୍ରକ୍ରିୟା ଯୋଗୁଁ ଜୀବକୋଷର ବିକୃତ, ବିଶୃଙ୍ଖଳ ଏବଂ ନାଟକୀୟ ଦ୍ରୁତ ବିଭାଜନ ଘଟେ, ସେ କଥା ଏଯାଏ ବିଜ୍ଞାନ ଜାଣିନାହିଁ। ଅନ୍ୟପକ୍ଷରେ, ଯେଉଁସବୁ କାରଣକୁ ସାଧାରଣ ଅର୍ଥରେ ଆମେ କ୍ୟାନ୍‌ସର୍ ସୃଷ୍ଟିକାରୀ ବୋଲି ମନେ କରୁଛୁ, ଯଥା- କମ୍ ତନ୍ତୁଯୁକ୍ତ ଖାଦ୍ୟ, ନିରାମିଷ (ବିଶେଷକରି ମାଂସ) ଆହାର, ମୋଟାପଣ, ଖାଦ୍ୟଶସ୍ୟ / ପନିପରିବାରେ ରାସାୟନିକ କୀଟନାଶକ ପ୍ରୟୋଗ- ଏସବୁ ନିର୍ଣ୍ଣୟ ଶତପ୍ରତିଶତ ଗ୍ରହଣୀୟ ବୋଲି ପ୍ରମାଣ ବି ନାହିଁ। ସେ ପୁଣି ସିଦ୍ଧାର୍ଥଙ୍କ ପ୍ରସଙ୍ଗ ଉଠାଇ କହିଲା, ଶରୀରର ସୁସ୍ଥ / ସ୍ୱାଭାବିକ ଜୀବକୋଷମାନେ ନିଜ ବିଭାଜନ ପାଇଁ ଦୀର୍ଘ ସମୟ ନେଉଥିଲେହେଁ କେଉଁ ବିଶେଷ କାରଣରୁ ଷ୍ଟେମ୍‌ସେଲ୍ ପରି କ୍ୟାନ୍ସର ସେଲ୍‌ମାନେ ଧ୍ୱଂସ/ବିଲୟର ଶାଶ୍ୱତ ସତ୍ତା ହୋଇ ରହିଥାନ୍ତି, ତାହା ଆଜି ବି ବିସ୍ମୟ ଘେରରେ। (ଗବେଷକମାନଙ୍କ ମତ ଯେ, କିଛି କ୍ୟାନ୍‌ସର୍ ରୋଗୀଙ୍କ କ୍ଷେତ୍ରରେ କ୍ୟାନ୍‌ସର୍ ସେଲ୍‌ମାନଙ୍କ ବ୍ୟବହାର ଅବିକଳ ଷ୍ଟେମସେଲ୍ ପରି ହୋଇଥାଏ। ତଫାତ୍ ଏଇଆ: ଷ୍ଟେମ୍‌ସେଲ୍ ସଂରଚନା / ସୃଜନାତ୍ମକ ଉଦ୍ୟୋଗ ହୋଇ ରହିଥାଏ, ମାତ୍ର କ୍ୟାନ୍‌ସର୍ ସେଲ୍‌ଙ୍କ ଅଭୀପ୍ସା ଥାଏ ଧ୍ୱଂସଲୀଳାରେ ମଗ୍ନ ରହିବା)। ମୁଁ କିଛି ସମୟ ଚୁପ୍ ରହିଲି। ସାରଦା ବି। ତା'ପରେ ସେ ପୁଣି ପ୍ୟାଡରେ ଲେଖିଲା, "ଏସବୁ ସତ୍ତ୍ୱେ ବି କ୍ୟାନ୍‌ସର୍ ତା' ଇଲାକାରେ ଅଖଣ୍ଡ ଅମରତ୍ୱରୁ ବଞ୍ଚିତ ହୋଇ ରହିଯିବ। ଥରେ ଥରେ 'ବିସ୍ମୟ' ବି ସମ୍ଭବ ହେବା ଅପରିବର୍ତ୍ତିତ ରହିବ, ଯାହାର କୂଳକିନାରା କେହି ପାଇବେ ନାହିଁ।" ଏଥର ମୁଁ ହସିଲି।

(ପ୍ରମେୟ, ତା ୧୮/୩/୨୦୧୬)

*ବନ୍ଧୁ ଓ ବିଶିଷ୍ଟ କଥାକାର ସାରଦା ପ୍ରସାଦ ମିଶ୍ରଙ୍କ ମହାପ୍ରୟାଣ ଘଟିଥିଲା ତା ୧୭ ଏପ୍ରିଲ ୨୦୧୬ରେ।*



ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଶୈଳେନ୍ଦ୍ରଙ୍କ ଆଲେଖ୍ୟମାନ ଭିତ୍ତି କରିଛି ଅର୍ଥନୀତି, ରାଜନୀତି, ପରିବେଶ, ବିଜ୍ଞାନ, ଦର୍ଶନ ତଥା ମାନବବାଦୀ ପ୍ରସଙ୍ଗମାନଙ୍କୁ ନେଇ। ଯେଉଁ ଦୁଇଟି ବିଶେଷ କାରଣରୁ ଶୈଳେନ୍ଦ୍ରଙ୍କ ଲେଖା ପାଠକମାନଙ୍କୁ ଅଭିଭୂତ କରେ, ତାହା ହେଲା- ଶବ୍ଦ ବିନ୍ୟାସର କାରିଗରୀ ଏବଂ ବିଷୟବସ୍ତୁର ସାନ୍ଦ୍ରତା। ତାଙ୍କ ପ୍ରବନ୍ଧରେ ଭାବର ଗମ୍ଭୀରତା ସହ ରହିଥାଏ ବିଷୟକୁ କଠିନତାରୁ ମୁକ୍ତି କରିବାର ଏକ କଳାତ୍ମକ ପ୍ରୟାସ..

'ସମ୍ବାଦ'

ସରଳ, ସହଜ, ଭାବଗର୍ଭିକ ଏବଂ ଚିନ୍ତା ଉଦ୍ରେକକାରୀ

'ନିତିଦିନ'

ସାହିତ୍ୟ କହିଲେ ଆମେ କେବଳ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟ୍ୟ ରଚନାକୁ ବୁଝି ଆସିଛୁ। ଭି ଏସ୍ ନୈପାଲଙ୍କ ମତରେ- ଏବେ ସାହିତ୍ୟ ତାର ବିଭାଗୀୟ ମାନ୍ୟତାକୁ ଅତିକ୍ରମ କରି ନିଜକୁ ରଚନାର ବିଶାଳ ଜଗତ ଭିତରେ ପ୍ରତିଷ୍ଠିତ କରିବା ଜରୁରୀ। ଶୈଳେନ୍ଦ୍ର ତାହାହିଁ କରି ଆସିଛନ୍ତି।

'ଇଭେଣ୍ଟ୍ସ୍'

ଶୈଳେନ୍ଦ୍ରଙ୍କ ଅନ୍ୟାନ୍ୟ ରଚନା

ଅସନ୍ତୁଷ୍ଟ ହେବାର ଅନୁରାଗ, ମୁଖା, ମାୟାମିରିଗ, ଏକ ଚିତ୍ରବାଘର କାହାଣୀ, ଲୋହିତ ସୂର୍ଯ୍ୟର ଦେଶ
ପାହାଡ ତଳର ଏକ ଗାଁ, ବୋଆ ସିନିଅରଙ୍କ ଶେଷ ଗୀତ. ନିଜ ନିଜ ନିର୍ବାଣ, ନିଜ ଭିତରେ ଆକାଶ
ଗାନ୍ଧୀଙ୍କ ସହିତ କପେ କଫି, ଜୋନାଥନ୍‌ର ଡେଣା

Events Publication
4555 VSS Nagar,
Bhubaneswar- 751007
prakas.mohapatra@gmail.com
ph- 8658788994

ISBN 978-81-908070-1-2

NONFICTION

ରଚନା
₹-୧୫୦